## ଯୁବଶକ୍ତି ସଂଗଠନର ଶିକ୍ଷାଦାନ ବ୍ୟବସ୍ଥା

ବ୍ରଜରାଜନଗର,(ଡି.ଏନ.ଏ.): ବ୍ରଜରାଜନଗର ପୌରାଞ୍ଚଳର ଗଙ୍ଗାନଗର ମାଳିପଡ଼ାରେ ଛୋଟ ପିଲାମାନଙ୍କୁ ମାଗଣାରେ ଶିକ୍ଷାଦାନ ପାଇଁ ଯୁବଶକ୍ତି ସଙ୍ଗଠନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଦିନ ସନ୍ଧ୍ୟା ଓ ସକାଳ ସମୟରେ ବସ୍ତି ପିଲାମାନେ ମାଗଣାରେ ପାଠ ପଢ଼ିବା ସହ ନାଚ ମଧ ଶିଖିବେ ବୋଲି ସଂଗଠନର ସଭାପତି ଓମ୍ ପ୍ରକାଶ ସା ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଗୁଡୁ ରାଓଲାନୀ ଓ ପୂର୍ବତନ କାଉନସିଲର ରାହୁଲ ପାଣ୍ଡେ ଅତିଥି ଭାବେ ଯୋଗଦେଇ ସଂଗଠନର ଏପ୍ରକାର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଆଲୋକ ସାହୁ, କୁନାଲ ସିଂ, ସତୀଶ ସିଂ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ।



## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଜିଲା ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ହାୱା ମଇଦାନ, ସକାଳ ୮ଟା।
- ଭାଜପାର ଚକା ଜାମ୍, ମାନେଶ୍ୱର ଛକ, ପୂର୍ବାହ୍ନ ୧୦ଟାରୁ ମଧାହ୍ନ ୧୨ଟା।

## ସଂକ୍ଷେପରେ

### ମହିଳାଙ୍କୁ ମାଡ଼ମାରି ଯୁବକ ଗିରଫ

**ସମ୍ବଲପୁର,୯।୩ (ବ୍ୟୁରୋ):** ସମ୍ବଲପୁର ଜିଲା ଧନୁପାଲି ଥାନା ଝାଙ୍କରପଡ଼ାର ମାମନି ନାଏକଙ୍କୁ ମାଡ଼ ମାରି ଜଣେ ଯୁବକ ଗିରଫ ହୋଇଛନ୍ତି। ସେ ହେଲେ ଆକାଶ ବିଶ୍ୱକର୍ମା। ସୂଚନା ଅନୁସାରେ ପଡାରେ ଥିବା ଏକ କମ୍ୟୁନିଟି ସେଣ୍ଟର ଚାବିକୁ ନେଇ ଆକାଶ ମାମନିଙ୍କୁ ମାରପିଟ କରିଥିଲେ। ଏ ନେଇ ମାମନି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା।

### ବଡ଼ଭାଇଙ୍କୁ ଆକ୍ରମଣ କରି ସାନ ଗିରଫ

**ସମ୍ବଲପୁର,୯।୩ (ବ୍ୟୁରୋ):** ସମ୍ବଲପୁର ଜିଲା ଧନୁପାଲି ଥାନା କାଲିବାଡିର ବଡଭାଇ ଟିକୁ ବେହେରାଙ୍କୁ ଆକ୍ରମଣ କରି ସାନ ଭାଇ ସୁଧୀର ବେହେରା ଗିରଫ ହୋଇଛନ୍ତି। ପୋଲିସ କହିବା ଅନୁସାରେ ଅଭିଯୁକ୍ତ ସୁଧୀର ଅନେକ ସମୟରେ ଟିକୁଙ୍କୁ ଟଙ୍କା ମାଗୁଥିଲେ। ମଙ୍ଗଳବାର ଟଙ୍କା ମାଗିଥିଲେ ମଧ ନ ଦେବାରୁ ସୁଧୀର ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରିଛି।

### ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ବ୍ରଜରାଜନଗର, ୯।୩ (ଡି.ଏନ.ଏ.):** ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ସଚେତନ ନାଗରିକ ସମାଜ ପକ୍ଷରୁ ପୌରାଞ୍ଚଳର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସମାଜର ସଭାପତି ଶଶିଭୂଷଣ ପାତ୍ର, ବରିଷ୍ଠ ଖବରଦାତା ପ୍ରତାପ କେଶରୀ ସିଂ ଅତିଥି ଭାବେ ଯୋଗଦେଇ ଶିକ୍ଷୟିତ୍ରୀ ଶିବପ୍ରିୟା ମିଶ୍ର, ଶିକ୍ଷକ ବ୍ୟାସଦେବ ପଣ୍ଡା, ନରେନ୍ଦ୍ର ମୋହନ ଝାଙ୍କ ସମେତ ଅନ୍ୟ ୭ଜଣଙ୍କୁ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସଚେତନ ନାଗରିକ ସମାଜ ଏଭଳି କାର୍ଯ୍ୟ କରିଆସୁଛି।

### ଗୋଚାଲାଣ ବନ୍ଦ ଦାବିରେ ବଜରଙ୍ଗ ଦଳର ସ୍ମାରକପତ୍ର

**ସମ୍ବଲପୁର, ୯।୩ (ବ୍ୟୁରୋ):** ସମ୍ପ୍ରତି ସମ୍ବଲପୁର ଜିଲାରେ ଗୋଚାଲାଣ ଓ ଗୋହତ୍ୟା ବଢ଼ିବାରେ ଲାଗିଛି। ଜିଲା ପ୍ରଶାସନ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ଏହି ମର୍ମରେ ସମ୍ବଲପୁର ବଜରଙ୍ଗ ଦଳ କର୍ମୀମାନେ ଏସ୍‌ପି ବାତୁଲା ଗଙ୍ଗାଧରଙ୍କ ଉଦ୍ଦେଶ୍ୟରେ ସୋମବାର ଅତିରିକ୍ତ ଏସ୍‌ପି ଅମରେଶ ପଣ୍ଡାଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବଜରଙ୍ଗ ଦଳ ପଶ୍ଚିମ ଓଡିଶା ପ୍ରାନ୍ତ ସଂଯୋଜକ ସୁଧିର ରଞ୍ଜନ ବହିଦାର, ଦେବାଶିଷ ରାଉତ, ଜୟନ୍ତ ମହାପାତ୍ର, ଆକାଶ ସାହୁ, ଅଭିଷେକ ସେନାପତି, ଶେଖର ସୁନାନୀ, ବିଶ୍ୱଜିତ ବାରିକ, ରୋହିତ ମୁଣ୍ଡା, ମୀନକେତନ ଛୁରିଆ, ସୁଶାନ୍ତ ଜଗଦଲା ପ୍ରମୁଖ ସାମିଲ ଥିଲେ।

### ଆଦିବାସୀ କଲ୍ୟାଣ ସଂଘର ନୂତନ କର୍ମକର୍ତ୍ତା

**ନାକଟିଦେଉଳ,୯।୩(ଡି.ଏନ.ଏ.):** ନାକଟିଦେଉଳ ବ୍ଲକ ଘୋଷରାମାଳ ଗ୍ରା.ପ.ର ହରିପୁର ଗ୍ରାମଠାରେ ସୋମବାର ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଏକ ବୈଠକ କରାଯାଇ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଂଘର ନାକଟିଦେଉଳ ବ୍ଲକ ଶାଖା ପକ୍ଷରୁ ଅନୁଷ୍ଠିତ ବୈଠକରେ ଷୋଷରାମାଳ ସରପଞ୍ଚ ଅମ୍ରିତ ପାନ୍ନା ଅଧ୍ୟକ୍ଷତା କରିଥିଲେ। ଜିଲା ଆଦିବାସୀ କଲ୍ୟାଣ ସଂଘ ପ୍ରଭାରୀ ରୋହିତ କୁମାର ଭୋଇ ଅତିଥି ଭାବେ ଯୋଗଦେଇ ଆଦିବାସୀ ସମ୍ପ୍ରଦାୟର ରୀତିନୀତି, ଐତିହ୍ୟ ଓ ପରମ୍ପରା ଉପରେ ଆଲୋଚନା କରିଥିଲେ। ଏଥିସହିତ ଆଦିବାସୀଙ୍କ ନିକଟରେ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ପହଞ୍ଚାଇବାକୁ ଦାବି କରିଥିଲେ। ପରେ ଘୋଷରାମାଳ ପଞ୍ଚାୟତ ସ୍ତରୀୟ ସଂଘର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ସୁଜିତ ଟେଟେ ସଭାପତି, ବିମଳା ବାର୍ଲା ଉପସଭାପତି, ମାଗୋ ହାସଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଛି।

# ଝୁଲିରହିଲା ଏକଲବ୍ୟ ସ୍କୁଲ

**ସମ୍ବଲପୁର,୯।୩ (ବ୍ୟୁରୋ)**


ପ୍ରସ୍ତାବିତ ଏକଲବ୍ୟ ମଡେଲ ସ୍କୁଲର ଫାଇଲ ଫଟୋ।

- ଟେଣ୍ଡରରୁ ବାଦ୍‌ପଡ଼ିଲା ଯୁଯୁମୁରା ବ୍ଲକ
- ଚିହ୍ନଟ ଜମି ଗୋଚର କିସମ
- ବିସ୍ଥାପିତ ହେବେ ୧୫ ପରିବାର

ଆଦିବାସୀ ଅଞ୍ଚଳରେ ଶିକ୍ଷାଦାନ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଏକଲବ୍ୟ ମଡେଲ ସ୍କୁଲ ନିର୍ମାଣ କରାଯାଉଛି। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି ଯୋଜନା ହାତକୁ ନିଆଯାଇଛି। ୨୦୧୮-୧୯ରେ ଯେଉଁ ବ୍ଲକରେ ୫୦ ପ୍ରତିଶତରୁ ଅଧିକ ଆଦିବାସୀ ବସବାସ କରୁଥିବେ କିମ୍ବା ୨୦ ହଜାର ପରିବାର ରହୁଥିବେ ଏହି ସ୍କୁଲ ନିର୍ମାଣ କରାଯିବ ବୋଲି ଘୋଷଣା କରାଯାଇଥିଲା। ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ୍‌କୁ ଏଥିରେ ସାମିଲ କରାଯାଇଥିଲା। ପ୍ରାୟ ୨ବର୍ଷ ପୂର୍ବରୁ ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ହେଲେ ଗତ ୪ ତାରିଖରେ ସର୍ବଭାରତୀୟ ସ୍ତରରେ ହୋଇଥିବା ଟେଣ୍ଡର ପ୍ରକ୍ରିୟାରୁ ଯୁଯୁମୁରା ବ୍ଲକର ମଡେଲ ସ୍କୁଲ ବାଦ୍ ପଡିଛି। ଏହା ଜଣାପଡିବା ପରେ ଯୁଯୁମୁରା ଅଞ୍ଚଳ ତଥା ଜିଲାରେ ଅସନ୍ତୋଷ ଦେଖାଦେଇଛି। ଜମି ଯୋଗାଇବାରେ ସମସ୍ୟା ହେବାରୁ ଏପରି ହୋଇଥିବା ଅଭିଯୋଗ ହୋଇଛି। ସେପଟେ ଅଧିକ ବିଳମ୍ବ ହେବା ଯୋଗୁ ଆଶାୟୀ ଛାତ୍ରୀଛାତ୍ର ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି।

ଏକଲବ୍ୟ ସ୍କୁଲ ପାଇଁ ଯୁଯୁମୁରା ତହସିଲ ଚନ୍ଦନିମାଲ ଗ୍ରାମରେ ପ୍ରାୟ ୧୫ ଏକର ଜମି ଚିହ୍ନଟ କରାଯାଇଛି। ଏହି ଜମିରେ ପ୍ରାୟ ୧୫ ଆଦିବାସୀ ପରିବାର ବସବାସ କରୁଛନ୍ତି। ହେଲେ ସେମାନଙ୍କୁ ଏପର୍ଯ୍ୟନ୍ତ ବିସ୍ଥାପିତ କରାଯାଇ ନାହିଁ। କେବଳ ଆଲୋଚନା ମାଧ୍ୟମରେ ପ୍ରକ୍ରିୟା ଆରମ୍ଭ ହୋଇଛି। ଅନ୍ୟପଟେ ଏହା ଗୋଚର କିସମ ଜମି ହୋଇଥିବା ରାଜସ୍ୱ ବିଭାଗ ପକ୍ଷରୁ ଜଣାପଡିଛି। ଏତେ ପରିମାଣ ଜମିର କିସମ ପରିବର୍ତ୍ତନ କରି କିପରି ସ୍କୁଲ ନିର୍ମାଣ କରାଯିବା ଲାଗି ଚିହ୍ନଟ କରାଯାଇଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ଯୁଯୁମୁରା ତହସିଲଦାର ସୁମନ ମିଞ୍ଜ କହିଛନ୍ତି, ମୋର ଯୋଗଦାନ ପୂର୍ବରୁ ଚନ୍ଦନିମାଲ ଗ୍ରାମ ନିକଟରେ ସ୍କୁଲ ନିର୍ମାଣ ପାଇଁ ଜମି ଚିହ୍ନଟ କରାଯାଇଛି। ସେଠାରେ ରହୁଥିବା ପରିବାର ଏହାକୁ ବିରୋଧ କରିଥିଲେ। ହେଲେ ବିସ୍ଥାପିତମାନଙ୍କୁ ଥଇଥାନ କରିବା ପାଇଁ ୪ ଡେସିମିଲ ଲେଖାଏ ଜମି ପ୍ରଦାନ କରାଯିବା ନିଷ୍ପତ୍ତି ଚୂଡାନ୍ତ ହୋଇଛି। ଗୋଚର ଜମି ହେଲେ ମଧ କିସମ ପରିବର୍ତ୍ତନ ସହ ଅନ୍ୟ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସୂଚନାଯୋଗ୍ୟ, ଏକଲବ୍ୟ ମଡେଲ ସ୍କୁଲ ନିମାଣ ପାଇଁ ପ୍ରାୟ ୧୮ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇ ଅନୁମୋଦନ ହୋଇଛି। ସାଢେ ୩ ଏକର ଜମିରେ କେବଳ ସ୍କୁଲ ଓ ହଷ୍ଟେଲ କୋଠା ନିର୍ମାଣ କରାଯିବ। ଏହାସହ ଖେଳ ପଡିଆ, ଗାର୍ଡେନ, ଷ୍ଟାଫ୍ କ୍ୱାର୍ଟର୍ସ ନିର୍ମାଣ କରାଯିବ। ବ୍ରିଜ ଓ ରୁଫ୍ କୋ-ଇଣ୍ଡିଆ ପକ୍ଷରୁ ଟେଣ୍ଡର କରାଯାଇଥିଲା। ମାର୍ଚ୍ଚ ୧ ତାରିଖ ଟେଣ୍ଡର ଆହ୍ୱାନର ଶେଷ ତାରିଖ ଥିବାବେଳେ ୪ ତାରିଖରେ ଟେଣ୍ଡର ପ୍ରକ୍ରିୟା ହୋଇଥିଲା।

# ଜଙ୍ଗଲ ନିଆଁ, ଗ୍ରୀଷ୍ମ ମୁକାବିଲାକୁ ଗୁରୁତ୍ୱ



ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ଦେବଗଡ଼,୯।୩(ଡ଼ି.ଏନ୍.ଏ.)**

**ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ**

ଦେବଗଡ଼ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ଏକ ବୈଠକ ମଙ୍ଗଳବାର ସ୍ଥାନୀୟ ଜଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ନିଆଁ ଦାଉରୁ ଜଙ୍ଗଲ ସୁରକ୍ଷା ସମେତ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଭିନ୍ନ ବିଭାଗୀୟ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ଜଙ୍ଗଲ ନିଆଁ ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ ସମସ୍ତ ବିଭାଗ ଏବଂ ପଞ୍ଚାୟତସ୍ତରୀୟ ଜନପ୍ରତିନିଧିମାନେ ବନ ବିଭାଗ ସହିତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଜିଲାପାଳ କହିଥିଲେ। କୌଣସି ଜଙ୍ଗଲରେ ନିଆଁ ଲାଗିଥିଲେ କିମ୍ବା ସେହିଭଳି ପରିସ୍ଥିତି ସୃଷ୍ଟି ହୋଇଥିଲେ ତୁରନ୍ତ ବନ ବିଭାଗର କଣ୍ଟ୍ରୋଲ ରୁମ୍ ଫୋନ୍ ନଂ.୭୬୫୬୯୩୩୯୪୫ କିମ୍ବା ୭୬୫୬୯୩୨୬୮୭କୁ ଜଣାଇବାକୁ ପରାମର୍ଶ ଦିଆଯାଇଥିଲା। ଡିଏଫଓ ଷଡ଼ଙ୍ଗୀ ଜଙ୍ଗଲ ନିଆଁକୁ ଲିଭାଇବା ଏବଂ ଜଙ୍ଗଲ ସୁରକ୍ଷା ପାଇଁ ନିଆଯାଉଥିବା ପଦକ୍ଷେପ ଉପରେ ସୂଚନା ଦେଇଥିଲେ। ସେହିପରି ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଲୋକମାନେ ଯେପରି ଠିକ୍ ଭାବେ ପାନୀୟଜଳ ପାଇପାରିବେ ସେଥିପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ଜନଗହଳି ସ୍ଥାନମାନଙ୍କରେ ଜଳଛତ୍ର ସ୍ଥାପନ ପାଇଁ ସେ କହିଥିଲେ। ଅଂଶୁଘାତ ଜନିତ ମୃତ୍ୟୁ ଖବର ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜସ୍ୱ ଓ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସ୍ୱାସ୍ଥ୍ୟ, ପଶୁ ସମ୍ପଦ, ଶ୍ରମ, ଶିକ୍ଷା, ଶକ୍ତି ବିଭାଗର ଅଧିକାରୀମାନେ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହକୁ ମୁକାବିଲା ପାଇଁ ନିଆଯାଇଥିବା ବିଭାଗୀୟ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ବ୍ଲକ, ଜିଲାସ୍ତରରୁ ଆରମ୍ଭ କରି ସଦର ଡାକ୍ତରଖାନା, ସିଏଚ୍‌ସି, ପିଏଚ୍‌ସିରେ କଣ୍ଟ୍ରୋଲ ରୁମ୍ ସ୍ଥାପନ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ମହାନ୍ତ, ଡିଏଫଓ କ୍ଷମା ଷଡ଼ଙ୍ଗୀ, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ମଲ୍ଲିକଙ୍କ ସମେତ ବିଡିଓ, ତହସିଲଦାର, ରିଆମାଳ ବ୍ଲକ ଅଧ୍ୟକ୍ଷ ଏବଂ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ସମଲେଶ୍ୱରୀ ପଞ୍ଜିକା ଉନ୍ମୋଚନ


ସମଲେଶ୍ୱରୀ ପଞ୍ଜିକା ଉନ୍ମୋଚନ କରାଯାଉଛି।

**ସମ୍ବଲପୁର, ୯।୩ (ବ୍ୟୁରୋ)**

ସମଲେଶ୍ୱରୀ ପଞ୍ଜିକା ମଙ୍ଗଳବାର ସମଲେଶ୍ୱରୀ ମନ୍ଦିର ପରିସରରେ ଉନ୍ମୋଚିତ ହୋଇଯାଇଛି। ଗୋଧୁଳୀ ଲଗ୍ନରେ ସମଲେଶ୍ୱରୀଙ୍କଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ପରେ ଶ୍ରୀ ଶ୍ରୀ ବ୍ରହ୍ମ ମଣ୍ଡପ ପଣ୍ଡିତ ମହାସଭା ପଣ୍ଡିତମାନଙ୍କ ଉପସ୍ଥିତିରେ ପଞ୍ଜିକା ଲୋକାର୍ପଣ ହୋଇଥିଲା। ମୁଖ୍ୟ ଜ୍ୟୋତିର୍ବିଦ ଅମରନାଥ ମିଶ୍ର ସୂଚନା ଦେଇ କହିଥିଲେ, ସମ୍ବଲପୁରକୁ କେନ୍ଦ୍ର କରି ପଞ୍ଜିକାରେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସମୟ ନିର୍ଘଣ୍ଟ ହୋଇଛି। ୨୦୨୧-୨୨ବର୍ଷ ସକାଶେ ସମସ୍ତ ପ୍ରକାର ମାଙ୍ଗଳିକ, ବ୍ରତ, ଐତିହ୍ୟ, ପରମ୍ପରା, ପୂଜା ଆଦି ବିଷୟରେ ଉଲ୍ଲେଖ ରହିଛି। କାର୍ଯ୍ୟକ୍ରମରେ ପଣ୍ଡିତ ସମୂହ କମଳାକାନ୍ତ ମିଶ୍ର, ଚନ୍ଦ୍ରକାନ୍ତ ପାଣିଗ୍ରାହୀ, କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀ, ବିନିତ ପାଣ୍ଡେ, ସୁଧାଂଶୁଶେଖର ପାଣିଗ୍ରାହୀ, ଗୋପୀନାଥ ପଣ୍ଡା, ସୁଦାମ ପାଣିଗ୍ରାହୀ, ରଞ୍ଜନ କୁମାର ପାଣିଗ୍ରାହୀ, ସରିତ ପାଢ଼ୀ, ଆଶୁତୋଷ ହୋତା ଓ ସାମାଜିକ କର୍ମୀ କାର୍ତ୍ତିକ ପ୍ରସାଦ ବହିଦାର ଉପସ୍ଥିତ ଥିଲେ।

### କୁକୁର କାମୁଡ଼ାରେ ଜଣେ ଗୁରୁତର

**ସମ୍ବଲପୁର, ୯।୩ (ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମର ସାକ୍ଷୀପଡା ଇଦ୍‌ଗା ନିକଟରେ ଜଣେ ଜରି ଗୋଟାଲିଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ଏକ ବୁଲା କୁକୁର କାମୁଡିଛି। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ସେହି ରାସ୍ତା ଦେଇ ଯାଉଥିବା ଡା. ତନୁଜ ରଞ୍ଜନ ମିଶ୍ର ତାଙ୍କୁ ନିଜ ଗାଡିରେ ସମ୍ବଲପୁର ଜିଲା ସଦର ଡାକ୍ତରଖାନାକୁ ଆଣିଥିଲେ।

### ଜଙ୍ଗଲ ନିଆଁ ଲିଭାଇବା ନେଇ ବୈଠକ

**ସମ୍ବଲପୁର, ୯।୩ (ବ୍ୟୁରୋ)**

ମଙ୍ଗଳବାର ସମ୍ବଲପୁର ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଏକ ବୈଠକ ହୋଇଥିଲା। ମୁଖ୍ୟ ଶାସନ ସଚିବ ଭିଡିଓ କନଫରେନ୍ସି ଜରିଆରେ ଜଙ୍ଗଲରେ ନିଆଁ କିପରି ଲାଗିବ ନାହିଁ ସେ ନେଇ ଆଲୋଚନା କରିଥିଲେ। ଜିଲାପାଳ ଶୁଭମ୍ ସକ୍‌ସେନା, ଡିଏଫ୍‌ଓ ଡ. ସଞ୍ଜୀତ କୁମାର ଉପସ୍ଥିତ ଥିଲେ।

# ଶିକ୍ଷା ସାମଗ୍ରିକ ବିକାଶର ମୂଳମନ୍ତ୍ର

**ବନମାଳୀ ବାବୁ ସ୍ମାରକୀ ବକ୍ତୃତାମାଳା**

**ସମ୍ବଲପୁର, ୯।୩ (ବ୍ୟୁରୋ):** ଶିକ୍ଷା ହେଉଛି ସାମଗ୍ରୀକ ବିକାଶର ମୂଳମନ୍ତ୍ର। ମଙ୍ଗଳବାର ଓଡିଶା ସାଂସ୍କୃତିକ ସମାଜ ଭବନ ସଭାଗୃହରେ ଆୟୋଜିତ ବନମାଳୀ ବାବୁ ସ୍ମାରକୀ ବକ୍ତୃତା ମାଳାରେ ଏହି ମତ ପ୍ରକାଶ ପାଇଛି। ସମ୍ବଲପୁର ପବ୍ଲିକ ଲାଇବ୍ରେରି ଉପସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତ ଏଥିରେ ଅଧ୍ୟକ୍ଷତା କରିଥିଲେ। ଲଜପତରାୟ ଆଇନ କଲେଜ ଅଧ୍ୟକ୍ଷ ଡ. ବିଜୟାନନ୍ଦ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମାଜିକ ନ୍ୟାୟ ପ୍ରତିଷ୍ଠାରେ ବନମାଳୀଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଆୟୋଜକ ଅନୁଷ୍ଠାନ ସମ୍ପାଦକ ରଘୁନାଥ ମିଶ୍ର ଅତିଥି ପରିଚୟ ଓ ବରିଷ୍ଠ ନାଗରିକ ଅର୍ଜୁନ ରଞ୍ଜନ ପଣ୍ଡା, ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ବନମାଳୀ ବାବୁଙ୍କ ଜୀବନୀ ଉପରେ ସୂଚନା ଦେଇଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମୁଖ୍ୟବକ୍ତା ଡ. ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


ଡ. ବିଜୟାନନ୍ଦ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଝାରସୁଗୁଡ଼ା ଜିଲା କଂଗ୍ରେସର ନୂତନ କର୍ମକର୍ତ୍ତା

**ଝାରସୁଗୁଡ଼ା ଅଫିସ୍,୯।୩**

ଓଡିଶା ପ୍ରଦେଶ କଂଗ୍ରେସ କମିଟି ଅନୁମୋଦନକ୍ରମେ ସୋମବାର ଝାରସୁଗୁଡ଼ା ଜିଲା କଂଗ୍ରେସ କମିଟି ଘୋଷଣା ହୋଇଛି। ଦଳର ଜିଲା ସଭାପତି ଭରତ ଅଗସ୍ତୀ ଏକ ବୈଠକରେ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି। ଜିଲା ଉପସଭାପତି ସୀୟାରାମ ଦାସ, ସାଧାରଣ ସମ୍ପାଦକ ମନିଷ କୁମାର ବାଜପେୟୀ, ଜୀବନ ସାର୍ଥକ ଦାସ, ନିମାଇଁ ଚରଣ ପଣ୍ଡା, ସମ୍ପାଦକ ଅଲେଖ କୁମାର, ମନମୋହନ ଝା, ବସନ୍ତ କୁମାର ସାହୁ, ଯଜ୍ଞ ସୁନା, ସମ୍ବିଦ ପଟେଲ,କୋଷାଧ୍ୟକ୍ଷ ବରୁଣ ଓଡାକା,ଏକ୍‌ଜିକ୍ୟୁଟିଭ୍ ମେମ୍ବର ବ୍ରଜମୋହନ କଲିଆରୀ, ଭାସ୍କର ପ୍ରଧାନ, ସୁରେନ୍ଦ୍ର କୁମାର ପାଢୀ, ବନିତା ନାୟକ, ଅଶୋକ ରାୟ, ନୁରୁବିଦ୍ୟା ଟୁଟି, ରମ୍ଭାବତୀ ପ୍ରଧାନ, ପ୍ରଶାନ୍ତ ସାହୁ, ହିରାଧର ମାଝି, ସନ୍ତୋଷ ସେଠ୍, ଦୁଷ୍ମନ୍ତ ପଟେଲ, କୁମୁଦିନୀ ନାୟକ, ଡମ୍ବରୁଧର ନାୟକ ଓ ମଦନ ସିଂହ ପ୍ରମୁଖ ରହିଛନ୍ତି। ସେହିପରି ସହର ଓ ବ୍ଲକ୍ ସଭାପତି ମଧ୍ୟରେ ଲଖନପୁର ବ୍ଲକ୍ ଲିଙ୍ଗରାଜ ବଡେଇ, ଝାରସୁଗୁଡା ବ୍ଲକ୍ ଅର୍ଜୁନ ନାୟକ, ଝାରସୁଗୁଡ଼ା ସହର ସଞ୍ଜୟ ମହାପାତ୍ର, ଲଇକେରା ବ୍ଲକ୍ କୃଷ୍ଣଚନ୍ଦ୍ର ଭୋଇ, କିର୍ମିରା ବ୍ଲକ୍ ଅଶ୍ୱିନୀ ବିଶ୍ୱାଳ, କୋଲାବିରା ବ୍ଲକ୍ ଶ୍ରୀକର ସାହୁ, ବ୍ରଜରାଜନଗର ସହର ପ୍ରଫୁଲ୍ଲ ପଣ୍ଡା, ବେଲପାହାଡ଼ ସହର ଭାସ୍କର ପଟେଲ ପ୍ରମୁଖ ରହିଛନ୍ତି।

# ଦୃଷ୍ଟିହୀନ ଛାତ୍ରଙ୍କୁ ସାହାହେଲା ବିପିଡବ୍ଲ୍ୟୁଏ

**ଝାରସୁଗୁଡ଼ା ଅଫିସ୍,୯।୩**

**ରେଭେନ୍ସାରେ ପଢିବେ ଛାତ୍ର**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ତେଲେନପାଲି ପଞ୍ଚାୟତ ଛଡାରମା ଗ୍ରାମର ବୈଲୋଚନ କୁମୁରା ନାମକ ଦୃଷ୍ଟିହୀନ ଛାତ୍ରଙ୍କ ଉଚ୍ଚଶିକ୍ଷା ପାଇଁ ଆଗ୍ରହ ଥିଲେ ମଧ ଆର୍ଥିକ ଅନଟନ ବାଧକ ସାଜିଛି। ଖଇରକୁନୀ ଗ୍ରାମର ସାମାଜିକ କର୍ମୀ ସୁସ୍ମିତା ଦାସ ଏ ସମ୍ପର୍କରେ ଜାଣିପାରି ବ୍ରଜରାଜନଗର ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ କିଶୋର ମହାନ୍ତି ସହଯୋଗର ହାତ ବଢାଇଛନ୍ତି। ଏ ନେଇ ଝାରସୁଗୁଡ଼ାରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଜୁ ପଟ୍ଟନାୟକ ୱେଲଫେୟାର ଆସୋସିଏଶନ (ବିପିଡବ୍ଲ୍ୟୁଏ) ତରଫରୁ ସହାୟତା ଯୋଗାଇବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ବୈଲୋଚନଙ୍କ କଲେଜରେ ନାମଲେଖାରୁ ଆରମ୍ଭକରି ବହିପତ୍ର ଆଦି ଖର୍ଚ୍ଚ ବହନ କରିବ। ଆସୋସିଏଶନ ତରଫରୁ ଛାତ୍ରଙ୍କ ନାମଲେଖା, ହଷ୍ଟେଲ ଖର୍ଚ୍ଚ ପାଇଁ ୫ହଜାର ଟଙ୍କା ପ୍ରଦାନ କରାଯାଇଛି ବୋଲି କର୍ମକର୍ତ୍ତା ଅରୁଣ ଚଇନୀ କହିଛନ୍ତି। ବୈଲୋଚନ ଜନ୍ମରୁ ଦୃଷ୍ଟିହୀନ। ମା'ବାପା ଧାରଉଧାର କରି ପୁଅର ଗୋଟିଏ ଆଖି ଅପରେଶନ କରିଥିଲେ। ଫଳରେ ବୈଲୋଚନଙ୍କୁ ଏବେ ଝାପ୍‌ସା ଦେଖାଯାଉଛି। ତାଙ୍କୁ ୫ବର୍ଷ ହୋଇଥିବାବେଳେ ପ୍ରଥମେ ବାପା ଓ ପରେ ମା'ଙ୍କ ମୃତ୍ୟୁ ଘଟିଥିଲା। ବଡଭାଇ ଭଉଣୀ ବୈଲୋଚନଙ୍କୁ ଲାଳନପାଳନ କରିଥିଲେ। ବୁର୍ଲା ସରକାରୀ ଦୃଷ୍ଟିହୀନ ସ୍କୁଲ୍‌ରେ ନାମ ଲେଖାଇ ସେ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପଢିଥିଲେ।


ବିପିଡବ୍ଲ୍ୟୁଏ ତରଫରୁ ଦୃଷ୍ଟିହୀନ ଛାତ୍ରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

# ୫୫ନଂ. ଜାତୀୟ ରାଜପଥ ନିର୍ମାଣରେ ବିଳମ୍ବ

**ସମ୍ବଲପୁର,୯।୩(ବ୍ୟୁରୋ)**



୫୫ନଂ. ଜାତୀୟ ରାଜପଥର ମାନେଶ୍ୱର ଛକରେ ରାସ୍ତା ଅଧାପନ୍ତରିଆ।

- ୪ବର୍ଷ ହେବ ଦୁର୍ଦ୍ଦଶାରେ ମାନେଶ୍ୱର ବ୍ୟବସାୟୀ
- ରୋଜଗାର ହରାଇଛନ୍ତି ଉଠାଦୋକାନୀ
- ବଢୁଛି ଅସନ୍ତୋଷ, ଆନ୍ଦୋଳନ ପାଇଁ ସଜବାଜ

ସମ୍ବଲପୁର-ଅନୁଗୋଳ ୫୫ନଂ. ଜାତୀୟ ରାଜପଥର ୪ ଥାକିଆ ରାସ୍ତା ନିର୍ମାଣାଧୀନ ରହିଛି। ହେଲେ ଆରମ୍ଭରୁ ଠିକା କମ୍ପାନୀ ନିମ୍ନମାନର କାମ, ଅଞ୍ଚଳବାସୀଙ୍କ ସହିତ ଗଣ୍ଡଗୋଳ, ଯାତ୍ରୀ ଓ କର୍ମଚାରୀଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା ନ କରିବା ଭଳି ବିବାଦରେ ରହିଆସିଛି। ଏବେ କାମରେ ବିଳମ୍ବ ଯୋଗୁ ଅସନ୍ତୋଷ ଦେଖାଦେଇଛି। ମାନେଶ୍ୱର ଛକ ବ୍ୟବସାୟୀମାନେ ଦୀର୍ଘ ୪ବର୍ଷ ହେବ ଦୁର୍ଦ୍ଦଶା ଭୋଗୁଛନ୍ତି। ବର୍ତ୍ତମାନ ସେମାନେ ଆନ୍ଦୋଳନ କରିବାକୁ ସଜବାଜ ହେଉଛନ୍ତି।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ସହର ଉପକଣ୍ଠରେ ମାନେଶ୍ୱର ଛକ ଏକ ବ୍ୟବସାୟିକ ପେଣ୍ଠସ୍ଥଳ। ଆଖପାଖ ଗ୍ରାମର ଲୋକମାନେ ଏହି ବଜାର ଉପରେ ନିର୍ଭର କରନ୍ତି। ରାସ୍ତା ନିର୍ମାଣ ପାଇଁ ଉଭୟ ପାର୍ଶ୍ୱରେ ଜମି ଅଧିଗ୍ରହଣ କରାଯାଇଥିଲା। ଏହି ସମୟରେ ସ୍ଥାୟୀ ଦୋକାନ ଓ ଉଠାଦୋକାନ ଉଚ୍ଛେଦ କରାଗଲା। ସରକାରୀ ଜମିରେ ଥିବା କେତେକ ଦୋକାନଘର ଭାଙ୍ଗି ଦିଆଗଲା। କେତେକ ବ୍ୟକ୍ତି ଏବେ ଦୋକାନ ଗୃହ ନିର୍ମାଣ କରିଛନ୍ତି। ରାସ୍ତା ଓ ଡ୍ରେନ ନିର୍ମାଣ ହେଉ ନ ଥିବାରୁ ବର୍ଷା ସମୟରେ ପାଣି ଦୋକାନ ଓ କେତେକ ଲୋକଙ୍କ ଘର ଭିତରକୁ ପଶୁଛି। ମାଟି ପକାଯାଇଥିବାରୁ ଯିବାଆସିବାରେ ସମସ୍ୟା ହେଉଛି। ଘରୋଇ ଜମି ଅଧିଗ୍ରହଣ ହୋଇଥିବା ସମସ୍ତ ବିସ୍ଥାପିତଙ୍କୁ କ୍ଷତିପୂରଣ ଦିଆଯାଇଛି। ସରକାରୀ ଜମି ବସବାସ କରୁଥିବା କେତେକ ପରିବାରକୁ କ୍ଷତିପୂରଣ ଦିଆଯାଇନାହିଁ, ଯାହାକି ବିବାଦ ସୃଷ୍ଟି କରିଛି। ଏ ନେଇ ପ୍ରଶାସନ ଓ କମ୍ପାନୀ ସମାଧାନର ବାଟ ଖୋଜୁନାହାନ୍ତି। ମାନେଶ୍ୱର ଛକରୁ ମନ୍ଦିର ପର୍ଯ୍ୟନ୍ତ ଗୋଟିଏ ପାର୍ଶ୍ୱରେ ରାସ୍ତା ନିର୍ମାଣ ସରିଛି। ସୂଚନାଯୋଗ୍ୟ ସମ୍ବଲପୁର-ଅନୁଗୋଳ ଜାତୀୟ ରାଜପଥ ନିର୍ମାଣ ପ୍ରାୟ ୪ ବର୍ଷରୁ ଊର୍ଦ୍ଧ୍ୱ ହେବ ଆରମ୍ଭ ହୋଇଛି। ଅବଧି ୨୦୧୮ରେ ଶେଷ ହୋଇଯାଇଥିବା ବେଳେ ବିଭିନ୍ନ ଆଳ ଦେଖାଇ କମ୍ପାନୀକୁ ଅଧିକ ସମୟ ଦିଆଯାଇଥିଲା। ୨୦୨୦ ମାର୍ଚ୍ଚରେ ସମ୍ପୂର୍ଣ୍ଣ କରିବାକୁ ଜାତୀୟ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ କମ୍ପାନୀ ଏପର୍ଯ୍ୟନ୍ତ କାମ ସମ୍ପୂର୍ଣ୍ଣ କରିନାହିଁ। ଏବେ ମଧ ହାତୀ ଚଲାପଥ, ବିଭିନ୍ନ ଛକ ରାସ୍ତା, ବାଇପାସ୍ ରାସ୍ତା ନିର୍ମାଣ ହୋଇପାରି ନାହିଁ। ଏ ସମ୍ପର୍କରେ ଗାୟତ୍ରୀ କମ୍ପାନୀ ପ୍ରକଳ୍ପ ନିର୍ଦ୍ଦେଶକ ଏସ୍ ରେଡ୍ଡୀ କହିଛନ୍ତି, କମ୍ପାନୀ ପକ୍ଷରୁ ରାସ୍ତା ନିର୍ମାଣ ପାଇଁ ଚେଷ୍ଟା କରାଯାଇଥିଲା। ହେଲେ ସରକାରୀ ଜମିରେ ରହୁଥିବା କେତେକ ପରିବାର କ୍ଷତିପୂରଣ ପାଇ ନ ଥିବାରୁ କାମ ବନ୍ଦ କରୁଛନ୍ତି। ଏବେ କମ୍ପାନୀ ବି-ସ୍କୋପ ପନ୍ଥା ଆପଣେଇବାକୁ ଯୋଜନା କରିଛି। ମାନେଶ୍ୱର ଛକରେ ଥିବା ପ୍ରାୟ ୨ ମିଟର ରାସ୍ତା ପ୍ରକଳ୍ପରୁ ଡିଲିଟ କରିଦେବାକୁ ସ୍ଥିର କରିଛି। ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧି ସମସ୍ୟା ସମାଧାନ ପାଇଁଚେଷ୍ଟା କଲେ ପ୍ରକଳ୍ପ କାମ ହୋଇପାରିବ।

## କାର୍ଯ୍ୟକ୍ଷମ ହେଲା ଥଣ୍ଡା ପାନୀୟ ପ୍ରକଳ୍ପ ଅମୃତ ଧାରା

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ସମ୍ମୁଖରେ ଥିବା ଥଣ୍ଡା ପାନୀୟ ପ୍ରକଳ୍ପ ଅମୃତଧାର ଦିର୍ଘଦିନ ଧରି ଅଚଳ ହୋଇ ପଡିଥିଲା । ସ୍ଥାନୀୟ ସିନିୟର ସିଟିଜେନ ଆସେମ୍ଲି ସଦସ୍ୟଙ୍କ ଉଦ୍ୟମ କ୍ରମେ ମରାମତି କରି ପ୍ରକଳ୍ପକୁ ମଙ୍ଗଳବାର କାର୍ଯ୍ୟକ୍ଷମ କରାଯାଇଛି । କାର୍ଯକ୍ଷମ ପରେ ଉକ୍ତ ପ୍ରକଳ୍ପକୁ ଲୋଇସିଂହା ଆଇଆଇସି ଲଲିତା ଲାକ୍ରା ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ । ସଭାପତି ଧର୍ମ ସିଂ ମିଶ୍ର, ଉପସଭାପତି ବିଭୂତିଭୂଷଣ ସାହାଣୀ, ସମ୍ପାଦକ ଗଜାନନ ଅଗ୍ରୱାଲ, ବିଶ୍ୱନାଥ ଭୂୟାଁ, ରାମଚନ୍ଦ୍ର ପଟେଲ ସମାରୁ ପ୍ରଧାନ, କ୍ଷୀରୋଦ୍ର ହାରି, ସାବତ ନାଗଙ୍କ ସମେତ ଟାକ୍ସିଷ୍ଟାଣ୍ଡର କର୍ମଚାରୀ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ଯୁବକ ମୃତ

ଦେଓଗାଁ, ୯।୩(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ରେଲୱେ ଗ୍ରୀଡ ନିକଟ ରେଳଧାରଣା ମଝିରେ ମୂମୂର୍ଷୁ ଅବସ୍ଥାରେ ଉଦ୍ଧାର ଯୁବକଙ୍କୁ ଚିକିତ୍ସା ପାଇଁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ସ୍ଥାନୀୟ ମାଷ୍ଟର ଅନୁଭବ ଦାଶ ଏ ନେଇ ସୂଚନା ଦେଇଛନ୍ତି । ମୃତକ ହେଲେ କେସିଙ୍ଗା ଥାନା ଅନ୍ତର୍ଗତ ସିରୋଲ ଗ୍ରାମର ଲବ ପାୟାସିଂ (୨୫)। ମଙ୍ଗଳବାର ସକାଳେ ସମ୍ପୃକ୍ତ ଯୁବକ ରେଳଧାରଣାରେ କ୍ଷତବିକ୍ଷତ ଅବସ୍ଥାରେ ପଡିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଯୁବକ ଜଣକ ହାତଗୋଡ ହଲାଉଥିବାରୁ ସେମାନେ ସ୍ଥାନୀୟ ପୋଲିସ, ୧୦୮ ଆମ୍ବୁଲାନ୍ସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ୧୦୮ ଆମ୍ବୁଲାନ୍ସ , ରେଲୱେ କର୍ମଚାରୀ,ଅଗ୍ନିଶମ କର୍ମଚାରୀ ଓ ଥାନାଧିକାରୀ ରଞ୍ଜନ କୁମାର ବରିହା ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଉଦ୍ଧାର କରି ବଲାଙ୍ଗୀର ପଠାଇଥିଲେ।

### ଜଙ୍ଗଲରେ ନିଆଁ ଲଗାଇଲେ ଗିରଫ କରାଯିବ: ବନ ବିଭାଗ

ଅମରପାଲି,୯।୩(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲାର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଥିବା ବେଳେ ବନ ବିଭାଗ ପକ୍ଷରୁ ମଧ ତତ୍ପରତା ସହ ନିଆଁ ଲିଭା ଯାଉଛି। ମହୁଲ ପାଇଁ ଓ କେନ୍ଦୁପତ୍ର ପାଇଁ ଗୋଛା କଟା ପରିବର୍ତ୍ତେ ନିଆଁ ଲଗାଯାଉଛି। ଏପରିକି କେତେକ ଲୋକ ନିଜ ଜମିରେ ନିଆଁ ଲଗାଉଥିବାରୁ ଜଙ୍ଗଲକୁ ଏହା ବ୍ୟାପିଯାଉଛି। ଫଳରେ ସବୁଆଡେ ଧୂଆଁଳିଆ ପରିବେଶ ହେଉଛି। ଏଥିପ୍ରତି ବନ ବିଭାଗ ତତ୍ପରତା ଥିବା ବେଳେ ନିଆଁ ଲିଭାଇବା ପାଇଁ ୧୦ଟି ନିଆଁ ଲିଭା ସ୍କ୍ୱାଡ ଗଠନ କରି ପ୍ରତି ବିଟ୍‌ରେ ଗୋଟିଏ କିମ୍ବା ଦୁଇଟି ଲେଖାଏଁ ସ୍କ୍ୱାଡକୁ ନିଆଁ ଲିଭା ଦାୟିତ୍ୱ ଦିଆଯାଇଛି। ନିଆଁ ଲଗାଉଥିବା ଲୋକଙ୍କ ପ୍ରତି ବିଭାଗ କୋଠର ହୋଇଥିବା ବେଳେ ନିଆଁ ଲଗାଇଲେ ଗିରଫ ହେବେ ବୋଲି ବୀରମହାରାଜପୁର ରେଞ୍ଜ ଅଧିକାରୀ ଅବିନାଶ ବରିହା ପ୍ରକାଶ କରିଛନ୍ତି। ଯେଉଁ ବ୍ୟକ୍ତି ଜଙ୍ଗଲରେ ନିଆଁ ଲଗାଉଥିବା ବ୍ୟକ୍ତିଙ୍କ ସୂଚନା ଦେବେ ବିଭାଗ ପକ୍ଷରୁ ତାଙ୍କୁ ଆର୍ଥିକ ରାଶି ପୁରସ୍କୃତ କରାଯିବ ବୋଲି ମଧ ସେ ସୂଚନା ଦେଇଛନ୍ତି।

### ଘର ପାଇଁ ଭିନ୍ନକ୍ଷମ ବୃଦ୍ଧା ବିଡିଓଙ୍କ ଦ୍ୱାରସ୍ଥ

ଲୋଇସିଂହା,୯।୩(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଗଲାପାଲି ଗାଁର ଭିନ୍ନକ୍ଷମ ବୃଦ୍ଧା ଉଦିଆ ନାଏକ ପିଡିଏସ୍ ଚାଉଳ ଓ ପକ୍କା ଘର ଯୋଗାଇ ଦେବାକୁ ବିଡିଓ ରାମଚନ୍ଦ୍ର ଖାଡିଆଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜନ୍ମରୁ ପୋଲିଓଗ୍ରସ୍ତ ଉଦିଆ(୭୧)ଙ୍କ ଦୁଇଗୋଡ କାମ କରୁନାହିଁ। ଗୁରୁଣ୍ଡି ଗୁରୁଣ୍ଡି ଦୈନନ୍ଦିନ କାର୍ଯ୍ୟ ସମ୍ପାଦନ କରନ୍ତି। ମା'ବାପାଙ୍କ ମୃତ୍ୟୁପରେ ସାନ ଭଉଣୀଙ୍କ ଘରେ ସେ ଆଶ୍ରୟ ନେଇଛନ୍ତି। ଭଉଣୀ ଓ ଭଉଣୀ ଜ୍ୱାଇଁ ମଧ୍ୟ ବାର୍ଦ୍ଧକ୍ୟରେ ଉପନୀତ । ସେମାନଙ୍କ ଅନେକ ପାରିବାରିକ ସମସ୍ୟା ରହିଛି । ଉଦିଆଙ୍କୁ ସରକାରୀ ସହାୟତା କହିଲେ ଭିନ୍ନକ୍ଷମ ଭତ୍ତା ଓ ୫ କେଜି ପିଡିଏସ ଚାଉଳ ମିଳୁଛି। ଏତିକିରେ ଚଳିବା ତାଙ୍କ ପକ୍ଷେ ସମ୍ଭବ ହେଉନାହିଁ । ଘର ନ ଥିବାରୁ ଖରା, ବର୍ଷା ଓ ଶୀତରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୋମବାର ବ୍ଲକ ପରିସରରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରକୁ ଆସିଥିବା ବେଳେ ସେ ବିଡିଓଙ୍କୁ ସାକ୍ଷାତ କରି ନିଜ ଦୁର୍ଦ୍ଦଶାର କାହାଣୀ ଜଣାଇଥିଲେ। ଅନ୍ତ୍ୟୋଦୟ ଯୋଜନାରେ ୩୫କେଜି ଚାଉଳ ଓ ଗୋଟିଏ ପକ୍କାଘର ଯୋଗାଇ ଦେବାକୁ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

### ଜୀବନବିନ୍ଦୁ କାର୍ଯ୍ୟକ୍ରମ

ଲାଠୋର, ୯।୩(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଗ୍ରସେନ ଭବନଠାରେ ମଙ୍ଗଳବାର ଓଡିଶା ମୋ ପରିବାର ଆନୁକୂଲ୍ୟ ତଥା ସୁଶୀଲ ଅଗ୍ରୱାଲ ଏବଂ ଆମର ସୁନ୍ଦର ଅନୁଷ୍ଠାନ ସହଯୋଗରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପବ୍ଲିକ ସ୍କୁଲ ଟ୍ରଷ୍ଟି ଶଙ୍କରଲାଲ ଅଗ୍ରୱାଲ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଘୁନସର କଲେଜ ଅଧକ୍ଷ ରଜତ କୁମାର ମିଶ୍ର, ଶିବ ପ୍ରସାଦ ବାରିକ,ସତ୍ୟନାରାୟଣ ମେହେର ପ୍ରମୁଖ ଯୋଗ ଦେଇଥିଲେ। ପାଟଣାଗଡ ହସ୍ପିଟାଲ କର୍ମଚାରୀମାନେ ୨୨ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ବିଧାୟକ ନୋମିନି ପଞ୍ଚୁଦେବ ସାହୁ, ଆନନ୍ଦ ଅଗ୍ରୱାଲ, ପଦ୍ମନାଭ ନାଏକ, ସହଦେବ ଭଇଁଷାଲ, ଅଲେଖ ଜୈନ, ହୃଦାନନ୍ଦ ପୁଟେଲ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ରକ୍ତ ବ୍ୟବସାୟରେ କାର୍ଯ୍ୟାନୁଷ୍ଠାନ ହେଉ

ବରଗଡ଼ ଅଫିସ୍,୯।୩



ସ୍ୱେଚ୍ଛାସେବୀମାନେ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

- ରକ୍ତ ସଂଗ୍ରହ ଆଳରେ ଚାଲିଛି ବେପାର
- ଘରୋଇ ରକ୍ତ ଭଣ୍ଡାରରେ ବିକ୍ରି ଅଭିଯୋଗ
- ଜିଲାପାଳଙ୍କୁ ଫେରାଦ ହେଲେ ସ୍ୱେଚ୍ଛାସେବୀ

ବରଗଡ଼ ଜିଲାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ ଆଳରେ ରକ୍ତର ବ୍ୟବସାୟୀକରଣ ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ଗମ୍ଭୀରତାର ସହିତ ନେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବରଗଡ଼ର ସଂକଳ୍ପ ପରିବାର ଜିଲାପାଳଙ୍କୁ ଫେରାଦ ହୋଇଛି। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଜା ଟପ୍ପୋଙ୍କୁ ଅନୁଷ୍ଠାନର ପ୍ରତିନିଧିମାନେ ସ୍ମାରକପତ୍ର ପ୍ରଦାନ ସହିତ ଜିଲାରେ ଚାଲିଥିବା ରକ୍ତ ବ୍ୟବସାୟୀକରଣ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିବେଦନ କରିଛନ୍ତି ।

ସୂଚନା ଅନୁସାରେ, ସାମାଜିକ ସଙ୍ଗଠନ ନାମରେ କିଛି ନିର୍ଦ୍ଦିଷ୍ଟ ଅନୁଷ୍ଠାନ ବିଭିନ୍ନ ସ୍ଥାନରେ ଶିବିର ଆୟୋଜନ କରି ରକ୍ତ ସଂଗ୍ରହ କରୁଛନ୍ତି। ଅନ୍ୟପକ୍ଷେ ଜୀବନ ବଞ୍ଚାଇବା ଭଳି ମହତ୍ ଉଦ୍ଦେଶ୍ୟ ନେଇ ସଚେତନ ନାଗରିକମାନେ ମଧ୍ୟ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରୁଛନ୍ତି । କିନ୍ତୁ ସେହି ଶିବିରରୁ ସଂଗୃହୀତ ରକ୍ତକୁ ସମ୍ପୃକ୍ତ ଅନୁଷ୍ଠାନ ଏକ ଘରୋଇ ରକ୍ତ ଭଣ୍ଡାରକୁ ଦେଉଛି ଏବଂ ପରବର୍ତ୍ତୀ ସମୟରେ ସେହି ରକ୍ତକୁ ସମ୍ପୃକ୍ତ ରକ୍ତ ଭଣ୍ଡାର କର୍ତ୍ତୃପକ୍ଷ ଚଢ଼ାଦରରେ ବିକ୍ରି କରୁଥିବା ଭଳି ଗୁରୁତର ଅଭିଯୋଗ ହୋଇଛି। ଗତ କିଛିଦିନ ତଳେ ଫର୍ ଅନୁଷ୍ଠାନର ସଭାପତି ଇଂ ଦେବବ୍ରତ ମିଶ୍ର ଏକ ଖବରଦାତା ସମ୍ମିଳନୀରେ ଅନୁରୂପ ଅଭିଯୋଗ ଆଣିଥିଲେ। କିଛି ନ୍ୟସ୍ତସ୍ୱାର୍ଥ ସଙ୍ଗଠନ ରକ୍ତଦାନ ଭଳି ମହତ୍ କାମକୁ କଳୁଷିତ କରୁଥିବାରୁ ସେବା ଉଦ୍ଦେଶ୍ୟ ନେଇ ରକ୍ତ ସଂଗ୍ରହ କରୁଥିବା ସାମାଜିକ ଅନୁଷ୍ଠାନଗୁଡ଼ିକୁ ବଦନାମ ହେବାକୁ ପଡୁଛି। ସେବା ବଦଳରେ ବେପାର, ବ୍ୟବସାୟ ଆଳରେ ରକ୍ତ ସଂଗ୍ରହ ଶିବିର ଆୟୋଜନ କରୁଥିବା ସଙ୍ଗଠନ ଏବଂ ଘରୋଇ ରକ୍ତ ଭଣ୍ଡାରକୁ ଚିହ୍ନଟ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଉକ୍ତ ଅନୁଷ୍ଠାନ ଦାବି କରିଛି। ସ୍ମାରକପତ୍ର ପ୍ରଦାନ ସମୟରେ ସଙ୍ଗଠନର ଉପସଭାପତି ଜି. ରମେଶ, ସମ୍ପାଦକ ନିଧାନ ଦନ୍ତା, ସଂଯୋଜକ ବିକାଶ ଅଗ୍ରୱାଲ, ବିକାଶ ଭୋଇ, ଆନନ୍ଦ ଭୋଇ, ପ୍ରମୋଦ ମେହେର, ବସନ୍ତ ବାଗଙ୍କ ସମେତ ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ।

# ଶୈବପୀଠରେ ଶ୍ରଦ୍ଧାଳୁଙ୍କୁ ଜାଗର ମନା

ସୋନପୁର, ୯।୩(ନି.ପ୍ର.)

ଆସନ୍ତା ୧୧ ତାରିଖରେ ମହାଶିବରାତ୍ରୀ। ସୁବର୍ଣ୍ଣପୁର ଜିଲାପାଳ ମୋନିଷା ବାନାର୍ଜି କୋଭିଡ୍ ୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ମାର୍ଗଦର୍ଶିକା ଜାରି କରିଛନ୍ତି। ତଦନୁଯାୟୀ ଜିଲାର କୌଣସି ଶୈବ ପୀଠ ପରିସରରେ ମହା ଶିବରାତ୍ରୀ ଅବସରରେ ଶ୍ରଦ୍ଧାଳୁମାନେ ଜାଗର ଜାଳି ପାରିବେନି। ପୀଠ ଭିତରେ ଓ ବାହାରେ ଭକ୍ତଙ୍କ ସମାବେଶ, ନାମସଂକୀର୍ତ୍ତନକୁ ବାରଣ କରାଯାଇଛି। ଶ୍ରଦ୍ଧାଳୁମାନେ କୋଭିଡ୍ ନିୟମ ପାଳନ କରି ଠାକୁରଙ୍କର ସାଧାରଣ ଦର୍ଶନ କରିପାରିବେ। ଏଥିପାଇଁ ଭକ୍ତଙ୍କୁ ୬ ଫୁଟ୍ ସାମାଜିକ ଦୂରତ୍ୱ, ମାସ୍କ ପରିଧାନ ଓ ସାନିଟାଇଜର ବ୍ୟବହାର କରିବାକୁ ପଡିବ। ପୂଜକମାନେ ଠାକୁରଙ୍କ ପୂଜା ମାସ୍କ ପରିଧାନ ଏବଂ ସାମାଜିକ ଦୂରତା ପାଳନ କରି କରିପାରିବେ। ପୂଜା ଏବଂ ଦର୍ଶନ ସମୟରେ ମନ୍ଦିର ଭିତରେ ଏବଂ ବାହାରେ ଯଦି କେହି କୋଭିଡ୍ ନିୟମାବଳୀ ଉଲ୍ଲଂଘନ କରନ୍ତି ତେବେ ସେମାନଙ୍କୁ ଦଣ୍ଡିତ କରାଯିବ। ତହସିଲଦାର ଓ ଆଇଆଇସି ଏକ ଏନ୍‌ଫୋସମେଣ୍ଟ ସ୍କ୍ୱାଡ ଗଠନ କରି ବାରମ୍ବାର ଉକ୍ତ ଦିନ ଧାର୍ମିକ ଅନୁଷ୍ଠାନକୁ ପରିଦର୍ଶନ କରିବେ। ଯଦି ଏହି ନିର୍ଦ୍ଦେଶନାମାରେ ଉଲ୍ଲଂଘନ ହୁଏ ତାହେଲେ ଆୟୋଜକ, ମ୍ୟାନେଜିଂ ଟ୍ରଷ୍ଟି, ସମ୍ପୃକ୍ତ ଅନୁଷ୍ଠାନର ସଭାପତି ଓ ସମ୍ପାଦକ ଦାୟୀ ରହିବେ। ସମ୍ପୃକ୍ତ ମନ୍ଦିରକୁ କୋଭିଡ୍ ସ୍ଥିତି ନିୟନ୍ତ୍ରଣକୁ ଆସିବା ଯାଏଁ ବନ୍ଦ କରାଯିବ ବୋଲି ନିର୍ଦ୍ଦେଶନାମା ଜାରି କରାଯାଇଛି।

# ଚାନ୍ଦଲି ପାହାଡ଼ ବୁଲିଲେ ପର୍ଯ୍ୟଟନ ଅଧିକାରୀ



ଦେଷଣ୍ଡ ଚାନ୍ଦଲି ପାହାଡର ସୀତାକୁଣ୍ଡକୁ ଜିଲା ପର୍ଯ୍ୟଟନ ଅଧିକାରୀ ପରିଦର୍ଶନ କରୁଛନ୍ତି।

ଦେଓଗାଁ, ୯।୩(ଡି.ଏନ.ଏ.)

**ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ପାଇଁ ଆଉ ଏକ ପାହାଚ**

ବଲାଙ୍ଗୀର ଜିଲା ଦେଷଣ୍ଡ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦଲି ପାହାଡକୁ ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇଁ ବିଭିନ୍ନ ମହଲରେ ଦାବି ହେବାପରେ ବିଭାଗୀୟ ପଦକ୍ଷେପ ଆରମ୍ଭ ହୋଇଛି। ବିଭାଗୀୟ ନିର୍ଦ୍ଦେଶ ପରେ ପିଡି ଡିଆରଡିଏ ଓ ଜିଲା ବନ ଅଧିକାରୀଙ୍କ ପରିଦର୍ଶନ ପରେ ମଙ୍ଗଳବାର ଜିଲା ପର୍ଯ୍ୟଟନ ଅଧିକାରୀ ରବିନ୍ଦ୍ର କୁମାର ଦଲାଇ ଓ ୧୩ଟି ଜିଲାର ଦାୟିତ୍ୱରେ ଥିବା ବୁଦ୍ଧଦେବ ବୁଦୁଲା ଉକ୍ତ ପାହାଡରେ ଥିବା ଐତିହାସିକ କଳାକୃତି, ୧୨ଫୁଟର ସୀତାକୁଣ୍ଡ, ୮ଶହ ଶତାବ୍ଦୀର ଶିଳାଲିପି, ପଥରରେ ସପ୍ତପେଣୀ ନାଗ, ପାହାଡ ପାଦଦେଶରେ ଥିବା ୭୨ ଏକରର ଭୀମକଟା ଆଦି ବୁଲି ଦେଖିଥିଲେ। ଘଞ୍ଚ ଜଙ୍ଗଲ ପରିବେଷ୍ଟିତ ଏହି ପାହାଡ ଆଖପାଖ ପରିବେଶର ବିକାଶ ହେଲେ ଏଠାକୁ ବହୁଦୂରାନ୍ତରୁ ପର୍ଯ୍ୟଟକଙ୍କ ସୁଅ ଛୁଟିବ ବୋଲି ଅଧିକାରୀବୃନ୍ଦ ମତବ୍ୟକ୍ତ କରିଥିଲେ । ଗସ୍ତ ସମୟରେ ଗ୍ରାମ୍ୟ କମିଟି ସଭାପତି ନୀଳମଣି ପାଣିଗ୍ରାହୀ, କୋଷାଧକ୍ଷ ସ୍ୱୟଂମ୍ବର ମେହେର ଇନ୍ଦ୍ରଜିତ ରାଉତ, ଘାସିରାମ ରଣା, ଦୀନବନ୍ଧୁ ମେହେର, ବିଦ୍ୟାଧର ନାଏକ, ବନମାଳୀ ମେହେର ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଜିଲାପାଳଙ୍କ ପର୍ଯ୍ୟଟନ ବିଭାଗ ପତ୍ର ସଂଖ୍ୟା ୫୪/ତା୨୨।୨।୨୦୨୧ରିଖ କ୍ରମେ ଚାନ୍ଦିଲି ପାହାଡକୁ ପର୍ଯ୍ୟଟନ ସ୍ଥଳର ମାନ୍ୟତା ପାଇଁ ସ୍ଥାନର କିସମ ଓ ପରିମାଣ ଉପରେ ରିପୋର୍ଟପ୍ରଦାନ କରିବାକୁ ସ୍ଥାନୀୟ ତହସିଲଦାରଙ୍କୁ ନିର୍ଦ୍ଦେଶ କରାଯାଇଛି ।

# କୃଷିଭିତ୍ତିକ ଶିଳ୍ପରେ ନିଯୁକ୍ତି ସମ୍ଭାବନା



ମୈତ୍ରିସଦନରେ ଉଦ୍ୟୋଗୀ ସପ୍ତାହ ପାଳନ ସଭାରେ ମଞ୍ଚାସୀନ ଅତିଥି ।

ଅମରପାଲି, ୯।୩ (ଡି.ଏନ.ଏ.)

**ବୀରମହାରାଜପୁରରେ ଉଦ୍ୟୋଗୀ ସପ୍ତାହ ପାଳନ**

ସୁବର୍ଣ୍ଣପୁର ଜିଲା ଶିଳ୍ପକେନ୍ଦ୍ର ତରଫରୁ ବୀରମହାରାଜପୁର ମୈତ୍ରିସଦନଠାରେ ଉଦ୍ୟୋଗୀ ସପ୍ତାହ ପାଳନ କରାଯାଇଛି। ସାଧାରଣ ପରିଚାଳକ ବଳଭଦ୍ର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବୀରମହାରାଜପୁର ବିଡିଓ ମୋତିଲାଲ ସୁଲିଆ ମୁଖ୍ୟଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଭାରତୀୟ ଷ୍ଟେଟ ବ୍ୟାଙ୍କର ଫିରୋଜ ନାଏକ, ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ମ୍ୟାନେଜର ପ୍ରତାପ ପଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ଉଦ୍ୟୋଗୀମାନଙ୍କୁ ବିଭିନ୍ନ ସରକାରୀ ଯୋଜନାର ଲାଭ ନେବାକୁ କହିବା ସହିତ କୃଷିଭିତ୍ତିକ ଶିଳ୍ପରେ ବ୍ୟାପକ ନିଯୁକ୍ତି ସମ୍ଭାବନା ରହିଛି ବୋଲି ମତପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୭୦ରୁ ଅଧିକ ଯୁବତୀ ଯୁବକ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଶିଳ୍ପ ବିକାଶ ଅଧିକାରୀ ଦେବାଶିଷ ମିଶ୍ର ପରିଚାଳନା କରିଥିଲେ। ଶିଳ୍ପକେନ୍ଦ୍ରର ସନ୍ତୋଷ ଦଲାଇ ଧନ୍ୟବାଦ ଅର୍ପଣ କରିଥିଲେ ।

# 'ମହିଳାଙ୍କ ଅଗ୍ରଗତିରେ ସମାଜର ଉନ୍ନତି'

ଖପ୍ରାଖୋଲ, ୯।୩(ଡି.ଏନ୍.ଏ.)

ମହିଳାମାନଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନାର ଶିକାର ହେବାକୁ ପଡୁଛି। ଏଥିପାଇଁ ଆମର ମାନସିକତାରେ ପରିବର୍ତ୍ତନ ଆଣିବାକୁ ପଡିବ। ହରିଶଙ୍କରଠାରେ ଆୟୋଜିତ ମହିଳା ଦିବସ ପାଳନ ଅବସରରେ କହିଛନ୍ତି ଖପ୍ରାଖୋଲ ବିଡିଓ ତରଣୀ ସୁନା। ସ୍ଥାନୀୟ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ହରିଶଙ୍କର ଜୁନିୟର ମହାବିଦ୍ୟାଳୟ ଅଧ୍ୟାପକ ବଳଭଦ୍ର ଦାଶ ମୁଖ୍ୟବକ୍ତାଭାବେ ଯୋଗଦେଇ ମହିଳାମାନେ ଶିକ୍ଷିତା ହେଲେ ସମାଜରୁ କୁସଂସ୍କାର ଓ ଅନ୍ଧବିଶ୍ୱାସ ଦୂର ହୋଇପାରିବ ବୋଲି କହିଥିଲେ। ବ୍ଲକ ପ୍ରାଣୀ ଚିକିତ୍ସକ ଡ. ସୁଜିତ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଦିଲ୍ଲୀସ୍ଥିତ ଆଇଆଇପିଏର ପ୍ରାଧାପକ ଡ. ସୁଜିତ କୁମାର ପୃଷ୍ଟେଠ ଏବଂ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ରାକେଶ ବେଦବାକ ଅତିଥିଭାବେ ଯୋଗଦେଇଥିଲେ।

# ଦେବରାଜ ମେମୋରିଆଲ ଫୁଟ୍‌ବଲ: ନର୍ଲା ଚାମ୍ପିୟନ

କୋକସରା, ୯।୩ (ଡି.ଏନ.ଏ.)



ଫାଇନାଲ ଖେଳ ଅବସରରେ ଅତିଥିଙ୍କ ଗହଣରେ ଖେଳାଳିମାନେ ।

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ପଞ୍ଚାୟତ ହଂସପଡା ଖେଳପଡିଆରେ ମା' କାଳିକେଶ୍ୱରୀ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଦେବରାଜ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଜଙ୍ଗଲ ଟାଇଗର ପର୍ଲା ବନାମ ନର୍ଲା ଏକାଦଶ ମଧରେ ଖେଳ ହୋଇଥିଲା। ଟାଇବ୍ରେକରରେ ପର୍ଲାକୁ ହରାଇ ନର୍ଲା ଚାମ୍ପିୟନ ଟ୍ରଫି ହାତେଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଟେମରା ସରପଞ୍ଚ ଗୌରୀ ଦଳପତି, ଲଦୁଗାଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ଅଶୋକ ଦାସ, ଜିଲା ଭାଜପା ସମ୍ପାଦକ ଗୋଦାବରୀଶ ପାତ୍ର, କୋକସରା ସମିତି ସଭ୍ୟ ତ୍ରିଭୁବନ ନାଏକ ଯୋଗଦେଇଥିଲେ। ଚାମ୍ପିୟନ ଓ ରନର୍ସଅପ ଦଳକୁ ଅତିଥିମାନେ ଟ୍ରଫି ସହ ମାନପତ୍ର ପ୍ରଦାନ କରିଥିଲେ। ଖେଳ ଶିକ୍ଷକ ନିର୍ମଳ ଦଣ୍ଡସେନା ଫାଇନାଲ ଖେଳ ପରିଚାଳନା କରିଥିବାବେଳେ ମନୋଜ କୁମାର ରଥ ଓ ଶେଷଦେବ ମଲ୍ଲିକ ଲାଇନମ୍ୟାନ ଓ ୪ର୍ଥ ରେଫରି ସୁରେଶ ନିଆଲ ଦାୟିତ୍ୱ ନିର୍ବାହ କରିଥିଲେ। ଦେବରାଜ ମେମୋରିଆଲ ଫୁଟ୍‌ବଲ ଆସୋସିଏଶନ ଆୟୋଜକ କମିଟି ସଭାପତି ରାଜେନ୍ଦ୍ର ନାଏକ, ଯୋଗା ନାଏକ, ନରେଶ ମାଝି, ନେପାଳ ବାଣୁଆ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଧାରାବିବରଣୀ ପିଣ୍ଟୁ ଗହୀର ଓ ସ୍କୋରିଂ ଦାୟିତ୍ୱରେ ପୁରୁଷୋତ୍ତମ ଦାସ, ଗୋପାଳ ଚନ୍ଦ୍ର ପାତ୍ର ରହିଥିଲେ।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶିଶୁ ମୃତ

ଖଡିଆଳ, ୯।୩ (ଡି.ଏନ.ଏ.)

ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଖଡିଆଳ ବ୍ଲକ ବିଛନାପାଲି ଗ୍ରାମର ପ୍ରେମ ଶବରଙ୍କ ପୁଅ ତୁଷାର(୬)ଙ୍କର ମୃତ୍ୟୁ ଘଟିଛି। ତୁଷାର ତାଙ୍କ ଘର ପାଖରେ ଖେଳୁଥିବାବେଳେ ପାଖରେ ଖୋଳା ଯାଇଥିବା ଆର୍ଥିଙ୍ଗ୍‌ରେ ଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ପରିବାର ଲୋକେ ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରି ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ସ୍ଥାନାନ୍ତର ହେଉନି ଡମ୍ପିଂ ୟାର୍ଡ

ବରପାଲି, ୯।୩ (ଡି.ଏନ.ଏ)

ବରଗଡ଼ ଜିଲା ବରପାଲି ଏନଏସି ଅଧୀନ ବିଭିନ୍ନ ୱାର୍ଡର ରାସ୍ତା ମଝିରେ ଅଳିଆ ଆବର୍ଜନା ଗଦା ହୋଇ ରହିବା ନିତିଦିନିଆ ଘଟଣା ହୋଇଛି। ସ୍ୱଚ୍ଛ ସବୁଜ ବାର୍ତ୍ତା ଦେବା ସହ ସହରର ସ୍ୱଚ୍ଛତା ପ୍ରତି ଏନଏସି କାର୍ଯ୍ୟକ୍ରମ ଜାରି ରଖିଛି। ଏପରିକି ଘର ମଇଳା ଆବର୍ଜନା ରାସ୍ତାରେ ପକାଇଲେ ଜରିମାନା ଘୋଷଣା କରୁଛି। ହେଲେ ସହରର କିଛି ଲୋକ ଏହାକୁ ଭୃକ୍ଷେପ କରୁନାହାନ୍ତି। ସେମାନେ ରାସ୍ତାଘାଟରେ ଅଳିଆ ଆବର୍ଜନା ଗଦା କରୁଛନ୍ତି। ଫଳରେ ରାସ୍ତା ଡମ୍ପିଂ ୟାର୍ଡ ପାଲଟିଛି। ଏବେ ବରପାଲି ସହର ପରିବେଶ ଦୁର୍ଗନ୍ଧମୟ। ଏହା ସହରବାସୀଙ୍କୁ ଅଣନିଃଶ୍ୱାସୀ କରିଛି। ସେପଟେ ଏନ୍‌ଏସିର ଡଷ୍ଟବିନ୍ ଗୁଡିକ ଖତ ଖାଇ ରାସ୍ତାରେ ଗଡୁଛି। ଅନେକ ଜାଗାରେ ଏହା ବ୍ୟବହାର ନ ହୋଇ କେତେକ ହୋଟେଲ ମାନଙ୍କରେ ଦେଖିବାକୁ ମିଳୁଛି । ସହରରେ ଥିବା ଡମ୍ପିଂୟାର୍ଡ ସ୍ଥାନାନ୍ତର ପାଇଁ ଦାବି ହେଉଥିଲେ ମଧ ସୁଫଳ ମିଳୁନାହିଁ। ସହର ବାହାରେ ଡମ୍ପିଂ ୟାର୍ଡ କରିବା ନିୟମ ଥିଲେ ମଧ ଏହାକୁ ଅଣଦେଖା କରାଯାଇଛି। ଏ ସମ୍ପର୍କରେ ଏନଏସି କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ।

# ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ

ଦେଓଗାଁ, ୯।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି । ସାମାଜିକ ସୁରକ୍ଷା ଅଧିକାରୀ ସୁଶାନ୍ତ କୁମାର ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମେଳାରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷା ରୀନା ମେହେର, ସମ୍ମାନୀତ ଅତିଥି ଏମପି ପ୍ରତିନିଧି ଅମିତ କୁମାର ସିଂ ନିନା ଯୋଗଦେଇ ୭ଟି ଟ୍ରାଇ ସାଇକେଲ, ଗୋଟିଏ ହ୍ୱିଲ ଚେୟାର, ୪ଜଣଙ୍କୁ ହିୟରିଂ କିଟ, ଆଶାବାଡି, ସ୍ମାର୍ଟକିଟ, ଅନ୍ଧବାଡି ଆଦି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଓଡିଶା ଜୀବିକା ମିଶନ ବ୍ଲକ ସଂଯୋଜକ ପ୍ରଦୀପ କୁମାର ଛତ୍ରିଆଙ୍କ ପରିଚାଳନା କରିଥିଲେ।



ଦିବ୍ୟାଙ୍ଗଙ୍କୁ ସହାୟକ ବଣ୍ଟନ କରାଯାଉଛି।

# ଗଣଧାରଣା ଜାରି, ଆଜି ଲୋଇସିଂହା ବନ୍ଦ

ଲୋଇସିଂହା,୯।୩(ଡି.ଏନ.ଏ)




ମଙ୍ଗଳବାର ବ୍ଲକ ଅଫିସ ସମ୍ମୁଖରେ ଚାଲିଥିବା ଗଣଧାରଣା।

**ଲୋଇସିଂହାକୁ ଏନଏସି ମାନ୍ୟତା ପ୍ରସଙ୍ଗ**

ବଲାଙ୍ଗୀର ଜିଲା ଲୋଇସିଂହାକୁ ଏନଏସି ମାନ୍ୟତା ଦାବିରେ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ବ୍ଲକ ଅଫିସ ସମ୍ମୁଖରେ ଗଣଧାରଣା ଜାରୀ ରହିଛି। ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ଧାରଣାରେ ସାମିଲ ହେଉଛନ୍ତି। ଦାବିକୁ ଅଧିକ ଜୋରଦାର କରିବା ପାଇଁ ବିକାଶ ପରିଷଦ ବୁଧବାର ୧୨ଘଣ୍ଟିଆ ଲୋଇସିଂହା ବନ୍ଦ ଡାକରା ଦେଇଛି । ଏହି ପରିପ୍ରେକ୍ଷୀରେ ଲୋଇସିଂହାର ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ସ୍କୁଲ କଲେଜ, ଦୋକାନ ବଜାର ବନ୍ଦ ରଖିବାକୁ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି । ଲୋଇସିଂହା ବ୍ଲକ ଛକ ଓ ବୁର୍ଡାଠାରେ ୨୬ ନଂ ଜାତୀୟ ରାଜପଥ ଅବରୋଧ କରିବାକୁ ନିଷ୍ପତ୍ତି ନିଆଯାଇଛି। ଲୋଇସିଂହା, ବୁର୍ଡା ପଞ୍ଚାୟତ ସମେତ ହୀରାପୁର ପଞ୍ଚାୟତର ପନେସରା ଓ ସେମେଲମୁଣ୍ଡା ଗ୍ରାମବାସୀ ସାମିଲ ହେବାକୁ ସଂଗଠନ ଅନୁରୋଧ କରିଥି ଆବାହକ ସରୋଜ ବିଶ୍ୱାଳ ଓ ଲାଲମନ ନାଗ ସୂଚନା ଦେଇଛନ୍ତି। ଫେବୃୟାରୀ ୨୪ତାରିଖଠାରୁ ଲୋଇସିଂହା ଆଞ୍ଚଳିକ ବିକାଶ ପରିଷଦ ଆହ୍ୱାନକ୍ରମେ ଚାଲିଥିବା ଗଣଧାରଣାର ମଙ୍ଗଳବାର ଦିବସରେ ମାରୱାଡି ଯୁବାମଞ୍ଚ ସମେତ ବିଜେଡି ରାଜ୍ୟ ପରିଷଦ ସଦସ୍ୟ ନିହାର ରଞ୍ଜନ ବେହେରା ସାମିଲ ହୋଇଥିଲେ। ପୂର୍ବତନ ବିଧାୟକ ଯୋଗେନ୍ଦ୍ର ବେହେରା ଏହି ଦାବିକୁ ଜୋରଦାର କରିଥିଲେ । ଲୋଇସିଂହା ଏନଏସି ପାଇଁ ଯୋଗ୍ୟ ଥିବାରୁ ସରକାର ଠିକ ସମୟରେ ପଦକ୍ଷେପ ନେବେ ବୋଲି ବେହେରା କହିଥିଲେ। ଗତ ମାର୍ଚ୍ଚ ୧ ତାରିଖ ଜିଲାପାଳଙ୍କ ନିର୍ଦ୍ଦେଶରେ ଲୋଇସିଂହା ବିଡିଓ ତହସିଲଦାର ଧାରଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ଫେବୃୟାରୀ ୨୭ରେ ଏନଏସସି ପାଇଁ ଲୋଇସିଂହା ଯୋଗ୍ୟ ବୋଲି ରାଜ୍ୟ ସରକାରଙ୍କୁ ଜିଲା ପ୍ରଶାସନ ଚିଠି କରିଥିବା ସେ ଜଣାଇଥିଲେ। ଏକ ସପ୍ତାହ ମଧ୍ୟରେ ବିଭାଗୀୟ ମନ୍ତ୍ରୀ ଓ ରାଜ୍ୟ ସରକାର ସ୍ପଷ୍ଟିକରଣ ଦିଅନ୍ତୁ ବୋଲି ଆନ୍ଦୋଳନକାରୀ ଦାବି ରଖିଥିଲେ। ସପ୍ତାହକର ମହଲତ ପୁରି ଯାଇଥିବାରୁ ବୁଧବାର ବନ୍ଦ ଡାକରା ଦିଆଯାଇଛି ।

